କାର୍ତ୍ତିକରେ ଯନ୍ଦାରମ୍ଭୀ ନାଚ

GPNanda Colln., Digitized by srujanika@gmail.com

କଣ୍ଠକରେ ବନ୍ଦ, ରସ୍ମୀ ବାନ୍ଧି ।

(କେଳାକେଳୁଣୀ ପ୍ରଶ୍ନୋତ୍ତର ଛନ୍ଦ)

ଦେଖିବାକେ ଆସିଥିଲି,
କଟକରେ ବାଘନଚୀର ବାଈ (ଧନରେ) ।
ଅସିଛୁ ନାଚିବା ପାଇଁ (ଧନରେ) । ୧ ।

ବହୁତ ଗା କଥା ମୋତେ,
ଜଣା ନାହିଁ କଲୁ ଜାଣଇ ଯେତେ,
ବର୍ଣ୍ଣିବ ତୁମ୍ଭ ଅଗ୍ରତେ । ୨ ।

ଆଦ୍ୟରୁ ଏଣୁ ଶୁଦ୍ଧାର,
ଦୋଷ ଲକ୍ଷ୍ୟ ହେଲେ ତାକୁ ନାହାର,
ଗୁଣକୁ ନେବ ଉଦ୍ଧାରି । ୩ ।

ଦୁଧରେ ପାଣି ମିଶାଇ,
ହଂସ ଆଗେ ରଖ, ସେ ଦୁଧ ଖାଇ,
ଜଳକୁ ଦେବ ପକାଇ । ୪ ।

GPNanda Colln., Digitized by srujanika@gmail.com

ପ୍ରାର୍ଥନା ଏତିକ ମୋର,
ଦୟା କର ମନେ ରଖି, ସତ୍ବର,
ତା କଥା ଶ୍ରବଣ କର । ୫ ।

ଦେଖିବାକୁ କ୍ଷୀଣକାୟ୍ଯ,
ବିସ୍ତାର କରୁଛ ବିଷମ ମାୟ୍ଯ,
ଲୋକେ ହେଉଛନ୍ତି ଦାୟ୍ଯ । ୬ ।

ବାମନା ଗଜଗମନା,
ଦେଖିବାକୁ ଯେହ୍ନେ ସେ ନବାଙ୍ଗନା,
ଛନ୍ତି ମୃଗନୟନା । ୭ ।

କୋମଳ କୋକିଳସ୍ବର,
କହନ୍ତି କେହି ବା ଷୋଳ ସଭର,
କେହି ପଚଶ ଭଭର । ୮ ।

ନାଚଇ ମୟୂର ନାଚ,
ଅଶ୍ବାରେ ତାହାର ବାନ୍ଧି ପିଶାଚ,
ଉହିଁରେ ଶୋଭଇ କାଚ । ୯ ।

GPNanda Colln., Digitized by srujanika@gmail.com

ବଙ୍ଗପ୍ରଦେଶୀୟ ବେଣୀ,
କି ସଜରେ ତାକୁ ଗୁନ୍ଥିଛି ପୁଣି,
ତହିଁରେ ଭୁଜଙ୍ଗ ଠାଣି । ୧୦ ।

ଶରତ୍‌ବରଜା ବାଲୀ,
ପ୍ରକୃତିଙ୍କ ଶ୍ରେଷ୍ଠ ଦେଉଛି ଗାଳି,
ଯାଉଁଣ ମୁଖରେ ବୋଲି । ୧୧ ।

କି ସୁନ୍ଦର କଟି ସରୁ,
ନାବଲେ ଯେସନ ବଳାଏ ତରୁ,
ଭାଙ୍ଗିଯିବ ଧରୁ ଧରୁ । ୧୨ ।

ପାଦରେ ନୂପୁର କଣି
ଝଣି ଶବ୍ଦେ ମନ ହରଇ କଣି,
ମାରକୁ ସେ ଯାଏ ଜିଣି । ୧୩ ।

ଏରୂପ ଗୁଣଧାରିଣୀ,
କଟକକୁ ଆସିଅଛି କାମିନୀ,
ବାସ୍ତବ ମନୋହାରିଣୀ । ୧୪ ।

GPNanda Colln., Digitized by srujanika@gmail.com

ଏ ନଗର ଧନୀମାନଙ୍କ
ମଧ୍ୟରେ ଉଦାରଚରିତ ଏକ୍କି,
ଗମ୍ଭୀର ଓ ସୁବିବେକ । ୧୫ ।

ସଦାଶିବ ଜମିଦାର,
ଅନ୍ୟତ୍ର ରହନ୍ତି ସ୍ୱଚଘରର,
ଆସନ୍ତି ମଧ୍ୟ ମଘର । ୧୬ ।

ଦଠିଣ ହିନ୍ଦୁ ଖ୍ରୀଷ୍ଟାନ
ଅଛନ୍ତି ଯେ ଏଠି ଭଦ୍ରଜନ,
କେହି ବଡ଼ କେହି ସାନ । ୧୭ ।

ଏ ସମସ୍ତଙ୍କ ପରିଚୟେ
ନାହିଁ ବୋଲି ହେବା ଜାଣି ବିଧେୟ,
କରେ ଯେ ବିହିତ ବିଧେୟ । ୧୮ ।

ସଜାଇଣ ମଜଲିସ,
ଚାନ୍ଦୁଆ ଗାଲିଚା ବତି ଫାନୁସ,
ଅନେକ କରି ବିଶେଷ । ୧୯ ।

GPNanda Colln., Digitized by srujanika@gmail.com

ଚଉକି ବେଞ୍ଚାଦି କେତେ,
ଖଞ୍ଜିଣ ପ୍ରାଙ୍ଗଣେ ପସନ୍ଦମତେ,
ବସିବା ପାଇଁ ସଙ୍ଗତେ । ୧୦ ।

ନୃତ୍ୟ ଗୀତାଦି ଶୁଣାଇ,
ଛାତ୍ର ମନ୍ତ୍ରୀଙ୍କୁ ତୋଷିବା ପାଇଁ,
କାଗଜ ଦେଲେ ଛପାଇ । ୧୧ ।

ଭିନଗ୍ରାମ ଅଭିମୁଖେ
କହିଲ ଦର୍ଶକମାନଙ୍କ ପକ୍ଷେ,
ହାଣିଲ ଶର କା ବକ୍ଷେ । ୧୨ ।

ଲୋକଙ୍କ ମୁଖରେ ହାତ
ନ ପାରଇ କେହି ଦେବେ ଦେଇତ,
ନ ଜାଣେଁ ମିଛ କି ସତ । ୧୩ ।

କେହିତ କହେ ହରଷେ,
ଯେତେ କଥା ସବୁ ହେଲା ସରସେ,
କେହିବା କହଇ ରୋଷେ । ୧୪ ।

GPNanda Colln., Digitized by srujanika@gmail.com

ସମ୍ପାଦକଦ୍ୱାର ଘର
ଜଣେ ଉକୀଲ୍ ଓ ଜଣେ ମୋକ୍ତାର
ହେଇ ଜଲେ ଜାହୁଖାର । ୧୫ ।

କ୍ଷମ୍ୟ ନ ଧର କଛୁ,
ଗଲ ଦୁଇଜଣ ବାକୁଙ୍ଗା ବାଛୁ,
ଦ୍ୱେଗ ଧୁଣ୍ଡାଇଲେ ମାଛୁ । ୧୬ ।

ଆମନ୍ତ୍ରଣପତ୍ର ବାନ୍ଧି ,
ସମସ୍ତଙ୍କୁ ଦେଲେ ଏକାଠି ଘାଣ୍ଟି,
ଭେଲ ସହିତରେ କାଣ୍ଡି । ୧୭ ।

ଉକୀଲ୍ ଆଉ ଦିପୋଟୀ,
ଆମଙ୍କ ଦିଗ୍ରବ, ସାହେବ ମାଟି,
ଆବର ଜଗାନ୍ତ ହାଠୀ । ୧୮ ।

କେହିବା ଏହା କହନ୍ତି,
ଉକୀଲ ମୁହୁର ଘୁଡ଼ ନାହାନ୍ତି;
ଆଉ ପରା ସବୁଙ୍କ ଭଣ୍ଡୀ । ୧୯ ।

GPNanda Colln., Digitized by srujanika@gmail.com

ଆହୁର ଗୋଟିଏ କଥା
ଶୁଣିଲ ହୁଅଇ ମୋ ମୁଣ୍ଡ ବ୍ୟଥା,
ଗପୁଛନ୍ତି ଯଥା ତଥା । ୩୦ ।

କେହି କେହି ପଢୁବାନ୍ତି
ଯାଇ ସୁଦ୍ଧା ମନେ କରନ୍ତି ଅନ୍ତି,
ନ ଆସି ହେଲେ ଫେରନ୍ତି । ୩୧ ।

କହିଲେ ନଇନ୍ତି ପାଶେ,
ନଢେ କର୍ଣ୍ଣ ଆମଡ଼ିବା ସକାଶେ,
କପର ଯିବା ତା ବାସେ ? ।୩୨ ।

ପ୍ରିୟ ଉପରେ ସଂଶୟ
ଅସଦ୍ଭାବ ଜାତ କନ୍ତି ଅପ୍ରିୟ,
ଏହାଙ୍କୁ ସୁଶିକ୍ଷା ଦିଅ । ୩୩ ।

ଏଥିରୁ ମୁ ଜଣାଇବ,
ଯେ ଅଛେ ଉଦ୍ଦେଶ୍ୟ ସେ ଅଛେ ସିଦ୍ଧ,
ଦନ୍ତଗିପାଣି ଖାଇବ । ୩୪ ।

ତା ଅବା କାହିଁ ମିଳିବ,

GPNanda Colln., Digitized by srujanika@gmail.com

ଦିଅନ୍ତି ପଇସା ହାତରୁ ଯିବ,
ଖାଇଲେ ଆଖି ଚଢ଼ିବ ନା ୩୫ ।

ଝୋପାଏ ଅମୃତ ତହିଁ,
ଢୋଳଇ ପିତ୍ତାଇ ଦେହକୁ ପକାଇ,
ଚଞ୍ଚଳକା ଥିବ ନାହିଁ । ୩୬ ।

କାହୁଁ ମୁଁ ଅଇଲି କାହିଁ,
ନିଶା ଧଇଲାଣି କିଛୁ ନ ଖାଇ,
ମିଛିରେ ଯାଉଛୁ ଧାଇଁ । ୩୭ ।

ଆସିବ ସ୍ୱପ୍ନମାନେ ଫେର,
ରମଣୀ ରୂପକୁ ଗହିଁବ ତେଜ,
ଲୋକେ ଥିବେ ମୋତେ ଘେର । ୩୮

ବନ୍ଧୁତ ସମସ୍ତ ଗତ,
ହୋଇଲାଣି ଅଙ୍ଗି ତୁମ୍ଭ ସଙ୍ଗତ,
ଦିଅ ମୋତେ ଦରସତ । ୩୯ ।

ହେ ଶ୍ରୀମଧୁସୂଦନ,
ଉତ୍କଳ କୋଳରେ ରହି ଆସୀନ,
କରନ୍ତୁ ସୁଶିକ୍ଷା ଦାନ । ୪୦ ।

GPNanda Colln., Digitized by srujanika@gmail.com